ସମ୍ବାଦ
ଭୁବନେଶ୍ୱର
୩ ଫେବୃଆରି ୨୦୧୮

# ଆଇଆଇଟି ଭୁବନେଶ୍ୱରରେ ପ୍ରଯୁକ୍ତି ପରିଚାଳନା ମେଳା

ଭୁବନେଶ୍ୱର, ୨/୨(ଇମିସ): ଆଇଆଇଟି ଭୁବନେଶ୍ୱର ପକ୍ଷରୁ ଚଳିତ ବର୍ଷର ୩ ଦିନିଆ ବାର୍ଷିକ ପ୍ରଯୁକ୍ତି ପରିଚାଳନା ମେଳା ଆରମ୍ଭ ହୋଇଛି। ୱିଜେନେୟାର ୧୮ ନାମରେ ଆରମ୍ଭ ହୋଇଥିବା ଏହି ମେଳାର ବିଷୟବସ୍ତୁ 'ବିଶ୍ୱ ୨୦୩୦ର ନିର୍ମାଣ-ନିରନ୍ତର ପ୍ରଯୁକ୍ତିର ଆଗମନ' ରହିଛି। ଚଳିତବର୍ଷ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇସ୍ରୋର ବୈଜ୍ଞାନିକ ତଥା ଚନ୍ଦ୍ରାୟନ ୨ ମିସନ୍‌ର ଉପ ପ୍ରକଳ୍ପ ନିର୍ଦ୍ଦେଶକ ମିନାଲ ରୋହିତ୍ ଉଦ୍‌ଘାଟନ କରିଛନ୍ତି। ଏଥିରେ ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ, ଡିନ୍, ୱିଜେନେୟାର ୧୮ର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଏହି ଅବସରରେ ମଙ୍ଗଳାୟନ ଓ ଇସ୍ରୋର ଭବିଷ୍ୟତ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥିରେ ଦେଶର ବିଭିନ୍ନ ଭାଗରୁ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଖ୍ୟାତନାମ ସଙ୍ଗୀତଜ୍ଞ ସୁଧୀର ରାଓଙ୍କ ବଂଶୀବାଦନ ଦର୍ଶକଙ୍କୁ ବିମୋହିତ କରିଥିଲା।